ISSN -2583-147X(P), **Vol.- 8, Issue No.XII, March 2023**
**Bastabatara Pariprakash Prachee**
***Peer Reviewed and Referred Research Journal***

# ଜଗନ୍ନାଥ ଦାସଙ୍କ ଭାଗବତ : ଏକ ଭାଷାତାତ୍ତ୍ୱିକ ବିଶ୍ଳେଷଣ

**ଡ. କଳ୍ପତରୁ ନାୟକ**

ଜଗନ୍ନାଥ ଦାସ ୧୪୯୧ ମସିହାରେ ପୁରୀ ଜିଲ୍ଲାର କପିଳେଶ୍ୱର ଶାସନରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ଭଗବାନ ପଣ୍ଡା ଓ ମାତାଙ୍କ ନାମ ପଦ୍ମାବତୀ ଦେବୀ । ସେ ଭାଗବତ ବ୍ୟତୀତ 'ତୁଳାଭିଣା', 'ମନଶିକ୍ଷା', 'ଗୁଣ୍ଡିଚା ମାଳିକା', 'ପାଷାଣ୍ଡ ଦଳନ', 'ଶୈବାଗମ ଭାଗବତ', 'ବ୍ରହ୍ମଗୀତା' ଭଳି ଅନେକ କୃତିର ସ୍ରଷ୍ଟା । 'ଓଡ଼ିଆ ଭାଗବତ' ଜଗନ୍ନାଥ ଦାସଙ୍କ ଦ୍ୱାରା ରଚିତ । ସେ ବ୍ୟାସଦେବଙ୍କ ସଂସ୍କୃତ ଭାଗବତ ଛାୟାରେ ଏହାକୁ ରଚନା କରିଛନ୍ତି । ଓଡ଼ିଆ ଭାଗବତ ରଚନା ମୂଳରେ ଅନେକ କାରଣ ରହିଛି । ଯଥା- (କ) ଜଗନ୍ନାଥ ଦାସଙ୍କ ମାତା ପଦ୍ମାବତୀ ଦେବୀଙ୍କ ଅନୁରୋଧ, (ଖ) ଭଗବାନଙ୍କ ସ୍ୱପ୍ନାଦେଶ, (ଗ) ଶାସ୍ତ୍ର ଉପରେ ବ୍ରାହ୍ମଣ୍ୟବାଦର ଏକଚାଟିଆ ଅଧିକାରକୁ ବ୍ୟାହତ କରିବା,(ଘ) ଲୋକମାନଙ୍କୁ ଧର୍ମାନ୍ତରୀକରଣରୁ ନିବୃତ୍ତ କରିବା, (ଙ) ଭାଷାର ସରଳୀକରଣ ଦ୍ୱାରା ଧର୍ମଶାସ୍ତ୍ରକୁ ସମସ୍ତ ଜନତାଙ୍କ ନିକଟବର୍ତ୍ତୀ କରାଇବା, (ଚ) ସମସ୍ତ ଓଡ଼ିଶାକୁ ଗୋଟିଏ ସୂତ୍ରରେ ବାନ୍ଧିରଖିବା, (ଛ) ହିନ୍ଦୁମାନଙ୍କ ମନରେ ଧର୍ମର ଅଖଣ୍ଡ ପ୍ରଭାବ ଅପ୍ରତିହତ ରଖିବା ଏବଂ (ଜ) ଧର୍ମବିଶ୍ୱାସ ବଢ଼ାଇ ଲୋକମାନଙ୍କୁ ସତ୍ ମାର୍ଗରେ ପରିଚାଳନା କରିବା ।

ବ୍ୟାସଦେବ ବାର ସ୍କନ୍ଧ ବିଶିଷ୍ଟ ଭାଗବତ ରଚନା କରିଥିଲେ । ଓଡ଼ିଆ ଭାଗବତର ସ୍କନ୍ଧ ସଂଖ୍ୟା ତେର । ଜଗନ୍ନାଥ ଦାସ ପ୍ରଥମରୁ ଏକାଦଶ ସ୍କନ୍ଧ ପର୍ଯ୍ୟନ୍ତ ଭାଗବତ ରଚନା କରିଥିଲେ । ଭାଗବତ କୃଷ୍ଣଭକ୍ତି ରସର ଗ୍ରନ୍ଥ । ଏକାଦଶ ସ୍କନ୍ଧରେ ଭଗବାନ କୃଷ୍ଣଙ୍କ ବୈକୁଣ୍ଠ ପ୍ରାପ୍ତି ହେତୁ ସେ ଦ୍ୱାଦଶ ସ୍କନ୍ଧ ରଚନା କରି ନଥିଲେ । ଜଗନ୍ନାଥ ଦାସଙ୍କ ମୃତ୍ୟୁ ପରେ ମହାଦେବ ଦାସ ଭାଗବତର ଦ୍ୱାଦଶ ସ୍କନ୍ଧ ଏବଂ ଦ୍ୱାଦଶ ସ୍କନ୍ଧରେ ଉଦ୍ଧବଙ୍କୁ ମୁକ୍ତି ମିଳି ନଥିବାରୁ ଦ୍ୱାରକା ଦାସ ତ୍ରୟୋଦଶ ଅଧ୍ୟାୟ ବିଶିଷ୍ଟ ଭାଗବତର ତ୍ରୟୋଦଶ ସ୍କନ୍ଧ ରଚନା କରିଥିଲେ । ଭାଗବତର ସମୁଦାୟ ଅଧ୍ୟାୟ ସଂଖ୍ୟା ୩୫୪ । ଜଗନ୍ନାଥ ଦାସଙ୍କ ଦ୍ୱାରା ରଚିତ ଭାଗବତର ଅଧ୍ୟାୟ ସଂଖ୍ୟା ୩୨୮ ।

ଓଡ଼ିଆ ଭାଷା ଇଣ୍ଡୋ-ୟୁରୋପୀୟ ଭାଷା ପରିବାର ଅନ୍ତର୍ଗତ ଭାରତୀୟ ଆର୍ଯ୍ୟଶାଖାର ଭାଷା । ଓଡ଼ିଆ ଭାଷାରେ ଚାରି କୋଟିରୁ ଅଧିକ ଲୋକ କଥାଭାଷା ହୁଅନ୍ତି । ଦ୍ୱିତୀୟ ଶତାବ୍ଦୀର ଭରତ ମୁନି 'ନାଟ୍ୟଶାସ୍ତ୍ର'ର ଭାଷା ବିଧାନ, ଅଷ୍ଟାଦଶ ଅଧ୍ୟାୟର ପଦସଂଖ୍ୟା ଅଠଚାଳିଶରେ ଓଡ଼ିଆ ଭାଷା ଏକ ବିଭାଷା ବୋଲି ଉଲ୍ଲେଖ କରିଛନ୍ତି । ଭାଷଙ୍କ ନାଟକ 'ଅବିମାରକ-୨'ରେ 'ଦିସଇ', 'ହୋନ୍ତି' ଏବଂ କାଳିଦାସଙ୍କ 'ଅଭିଜ୍ଞାନ ଶାକୁନ୍ତଳମ୍' ନାଟକରେ 'ତୁଇ', 'ପିଅଂତି' ପରି ଅନେକ ଓଡ଼ିଆ ଶବ୍ଦର ବ୍ୟବହାର ରହିଛି । ଅଶୋକଙ୍କ 'ଧଉଳି' ଓ 'ଜଉଗଡ଼' ଶିଳାଲେଖରେ 'କିଛି', 'ଏକ', 'ନଥି', 'ସେ', 'ତୁ', 'ଦେବ' ଆଦିଶବ୍ଦ ଏବଂ ଖାରବେଳଙ୍କ 'ହାତିଗୁମ୍ଫା' ଶିଳାଲେଖରେ 'ବବହାର', 'ପଛିମ', 'ଦେଇ', 'ଲେଖ', 'ଗଣନା' ଆଦି ଓଡ଼ିଆ ଶବ୍ଦ ଦୃଷ୍ଟିଗୋଚର ହୁଏ । 'ଚର୍ଯ୍ୟାପଦ', 'ଶିଶୁବେଦ' ଓ 'ଅମରକୋଷ'ରେ ଅନେକ ଓଡ଼ିଆ ଖଣ୍ଡବାକ୍ୟର ପ୍ରୟୋଗ ଲକ୍ଷ୍ୟ କରାଯାଏ । ବତ୍ସା ଦାସଙ୍କ 'କଳସା ଚଉତିଶା'ରେ ଓଡ଼ିଆ ଭାଷାର ସ୍ୱୟଂସମ୍ପୂର୍ଣ୍ଣ ରୂପ ଦେଖିବାକୁ ମିଳେ । ଜଗନ୍ନାଥ ଦାସଙ୍କ ପୂର୍ବରୁ ସାରଳା ଦାସ 'ମହାଭାରତ' ଏବଂ ବଳରାମ ଦାସ 'ରାମାୟଣ' ଭଳି ବିରାଟ ଗ୍ରନ୍ଥ ସବୁ ଓଡ଼ିଆ ଭାଷାରେ ରଚନା କରିସାରିଥିଲେ ।

**ଧ୍ୱନି ତତ୍ତ୍ୱ :** ଧ୍ୱନି ତତ୍ତ୍ୱରେ ଧ୍ୱନିର ବିବରଣ, ଶ୍ରେଣୀକରଣ ଓ ଗଠନଗତ ଦିଗ ସଂପର୍କରେ ଆଲୋଚନା କରାଯାଇଥାଏ ।

ମନୁଷ୍ୟର ବାଗଯନ୍ତ୍ର ଦ୍ୱାରା ସୃଷ୍ଟି ହୋଇଥିବା ସାର୍ଥକ ଏକକ ଉଚ୍ଚାରଣକୁ ଧ୍ୱନି କହନ୍ତି । ଏହି ଧ୍ୱନିକୁ ଶୃଙ୍ଖଳିତ ଭାବେ ବ୍ୟବହାର କରି ମଣିଷ ଭାବ ବ୍ୟକ୍ତ କରିଥାଏ ।

ମୁଦ୍ରିତ ଆକାରରେ ମିଳୁଥିବା ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତରେ 'ଅ', 'ଆ', 'ଇ', 'ଈ', 'ଉ', 'ଊ', 'ଋ', 'ଏ', 'ଐ', 'ଓ', 'ଔ' ସ୍ୱର ଦୃଷ୍ଟିଗୋଚର ହେଲାବେଳେ ଋ, ଌ, ୡ ଆଦିର ବ୍ୟବହାର ଦେଖାଯାଏ ନାହିଁ ।

'ଅ' ବ୍ୟତୀତ ଅନ୍ୟ ସମସ୍ତ ସ୍ୱର ବ୍ୟଞ୍ଜନ ସହ ମିଶିଲେ ସଂପୂର୍ଣ୍ଣ ରୂପେ ମିଳିତ ନହୋଇ ସଂକେତ ରୂପ ଧାରଣ କରେ, ଯାହାର ରୂପ ବ୍ୟଞ୍ଜନର ଉର୍ଦ୍ଧ୍ୱରେ, ନିମ୍ନରେ, ଏକପାର୍ଶ୍ୱରେ ଏବଂ ଉଭୟପାର୍ଶ୍ୱରେ ଦୃଷ୍ଟିଗୋଚର ହୁଏ । 'ଙ' ଓ 'ଞ'ବ୍ୟଞ୍ଜନ ସହ ସ୍ୱରର ସଂଯୋଗ ଭାଗବତରେ ଦୃଷ୍ଟିଗୋଚର ହୁଏ ନାହିଁ ।

ତିନୋଟି ଅଯୋଗବାହ ବା ପରାଶ୍ରୟୀ ବର୍ଣ୍ଣ ଅନୁସ୍ୱାର (ଂ), ବିସର୍ଗ (ଃ) ଓ ଚନ୍ଦ୍ରବିନ୍ଦୁ ( ँ )' ମଧ୍ୟରୁ ବିସର୍ଗ କେବଳ ବ୍ୟଞ୍ଜନରେ ବ୍ୟବହୃତ ହେଉଥିଲା ବେଳେ ଅନୁସ୍ୱାର ଓ ଚନ୍ଦ୍ରବିନ୍ଦୁ ଉଭୟ ସ୍ୱର ଓ ବ୍ୟଞ୍ଜନରେ ବ୍ୟବହୃତ ।

ବର୍ଗୀୟ ଏବଂ ଅବର୍ଗୀୟ ଭେଦରେ ବ୍ୟଞ୍ଜନ ଦ୍ୱିବିଧ । ବର୍ଗୀୟ ବ୍ୟଞ୍ଜନ କଣ୍ଠ୍ୟ, ତାଲବ୍ୟ, ମୂର୍ଦ୍ଧଣ୍ୟ, ଦନ୍ତ୍ୟ ଓ ଓଷ୍ଠ୍ୟ ଭେଦରେ ପାଞ୍ଚ ପ୍ରକାରର ।

ଆଲୋଚନାରୁ ଜଣାଯାଏ ଅଳ୍ପପ୍ରାଣ ବର୍ଣ୍ଣ 'କ', 'ଚ', 'ଜ', 'ଟ', 'ଡ', 'ତ', 'ଦ' ନିଜେ ନିଜ ସହ ଦ୍ୱିତ୍ୱ ହୋଇ ସଂଯୁକ୍ତ ବର୍ଣ୍ଣ ଗଠନ କରେ । ଅଳ୍ପପ୍ରାଣ ସହ ମହାପ୍ରାଣ ସଂଯୁକ୍ତ ହେବାର ପରିମାଣ କମ୍ । କେବଳ ଚାରୋଟି ଅଳ୍ପପ୍ରାଣ ଚାରୋଟି ମହାପ୍ରାଣ ସହ ସଂଯୁକ୍ତ ହେବାର ରୂପ ଉପଲବ୍ଧ । ମହାପ୍ରାଣ କେବେହେଲେ ସମବର୍ଗୀୟ ବା ବିଷମବର୍ଗୀୟ ମହାପ୍ରାଣ ସହ ଯୋଗହେବାର ରୂପ ଦୃଷ୍ଟିଗୋଚର ହୁଏ ନାହିଁ । 'କ' ଏବଂ 'ଟ' ବର୍ଗର ମହାପ୍ରାଣ ବର୍ଣ୍ଣ କୌଣସି ବି ବର୍ଗୀୟ ଅଳ୍ପପ୍ରାଣ ବା ମହାପ୍ରାଣ ସହ ସଂଯୁକ୍ତ ହୁଏ ନାହିଁ ।

ବର୍ଗୀୟ ବ୍ୟଞ୍ଜନ ସହ ଅବର୍ଗୀୟ ବ୍ୟଞ୍ଜନର ସଂଯୁକ୍ତ ରୂପ ଭାଗବତରେ ଦେଖାଯାଏ । 'ୱ' ଏବଂ 'ୟ' ଅର୍ଦ୍ଧସ୍ୱର ଦ୍ୱୟ ଅନ୍ୟ ବ୍ୟଞ୍ଜନକୁ ନିଜ ସହ ସଂଯୋଗ କରିପାରିବ ନାହିଁ କିନ୍ତୁ ଅନ୍ୟ ବ୍ୟଞ୍ଜନ ସହ ଯୁକ୍ତ ହୋଇପାରେ । ସମସ୍ତ ବର୍ଗ୍ୟ ଏବଂ ଅବର୍ଗ୍ୟ ବ୍ୟଞ୍ଜନ ସହ 'ଯ', 'ୱ', 'ଶ', 'ଷ', ଏବଂ 'ହ' ସଂଯୁକ୍ତ ହେବାର ରୂପ ଭାଗବତରେ ଅନୁପଲବ୍ଧ ।

ଭାଗବତରେ ଚାରି ପ୍ରକାରର ସଂଯୁକ୍ତାକ୍ଷରର ବ୍ୟବହାର ଲକ୍ଷ୍ୟ କରାଯାଏ । ଯଥା- (୧) 'ଳାଯୁକ୍ତ ସଂଯୁକ୍ତାକ୍ଷର, (୨) ସ୍ୱତନ୍ତ୍ର ସଂଯୁକ୍ତାକ୍ଷର, (୩) ଦ୍ୱିତଳ ସଂଯୁକ୍ତାକ୍ଷର ଏବଂ (୪) ସନ୍ନିକୃଷ୍ଟ ସଂଯୁକ୍ତାକ୍ଷର । ଭାଗବତରେ ସତରଟି 'ଳାଯୁକ୍ତ ସଂଯୁକ୍ତାକ୍ଷର, 'କ୍ଷ' ଓ 'ଜ୍ଞ' ବ୍ୟତୀତ କୋଡ଼ିଏଟି ସ୍ୱତନ୍ତ୍ର ସଂଯୁକ୍ତାକ୍ଷର, ପନ୍ଦରଟି ଦ୍ୱିତଳ ସଂଯୁକ୍ତାକ୍ଷର ପ୍ରୟୋଗ ରହିଛି । ଜଗନ୍ନାଥ ଦାସ ଯେଉଁ ସଂଯୁକ୍ତାକ୍ଷରକୁ ଦ୍ୱିତଳ ସଂଯୁକ୍ତାକ୍ଷର ଭାବେ ପ୍ରକାଶ କରିନାହାନ୍ତି ତାହାକୁ ସନ୍ନିକୃଷ୍ଟ ସଂଯୁକ୍ତାକ୍ଷର ଭାବେ ଉଲ୍ଲେଖ କରିଛନ୍ତି ।

ଭାଗବତର କେତେକ ସ୍ଥାନରେ ପ୍ରାକୃତ ନିୟମର (ମୋନୁସ୍ୱାରଃ ।୧/୨୩ ଏବଂ ଙ-ଞ-ଣ-ନୋ ବ୍ୟଞ୍ଜନେ ।୧/୨୫) ସୂତ୍ର ଅନୁସାରେ ନାସିକ୍ୟ ବର୍ଣ୍ଣଗୁଡ଼ିକ ଅନୁସ୍ୱାରରେ ପରିଣତ ହେବାର ରୂପ ଉପଲବ୍ଧ । ଯଥା- ଗଣ୍ଠି (ଗଂଠି = ଗ+ଣ+ ଠ + ଇ = ଗଂ + ଠ + ଇ = ଗଂଠି)

**ରୂପତତ୍ତ୍ୱ :** ଭାଷାତତ୍ତ୍ୱର ଏକ ପ୍ରଧାନ ଶାଖା ରୂପତତ୍ତ୍ୱ । ଏହାକୁ ଇଂରାଜୀରେ ମର'ଲୋଜି (Morphology) କହନ୍ତି । ଏଥିରେ ରୂପ/ପଦର ଅଧ୍ୟୟନ ହୋଇଥାଏ । ରୂପିମ୍/ପଦର ଅର୍ଥ, ସ୍ୱରୂପ, ସମ୍ବନ୍ଧ ଆଦି ବିଷୟର ଅଧ୍ୟୟନ ହିଁ ରୂପତତ୍ତ୍ୱ ।

ଏହି ପର୍ଯ୍ୟାୟରେ ବିଶେଷ୍ୟ, ବିଶେଷଣ, ସର୍ବନାମ, କ୍ରିୟା ଓ ଅବ୍ୟୟ ଆଲୋଚିତ ।

**ବିଶେଷ୍ୟ :**

ଓଡ଼ିଆ ଭାଷାରେ ବିଶେଷ୍ୟ ପଦ ସହିତ ସର୍ବଦା ଲିଙ୍ଗ, ବଚନ, କାରକ, ବିଭକ୍ତି କ୍ରମାନୁସାରେ ସଂଯୁକ୍ତ ହୋଇଥାଏ ।

**ଲିଙ୍ଗ :**

ବାକ୍ୟରେ ବ୍ୟବହୃତ ହୋଇଥିବା ଯେଉଁ ପଦଟି ପୁରୁଷ ଓ ନାରୀକୁ ଚିହ୍ନିତ କରିଥାଏ ତାହାକୁ ଲିଙ୍ଗ କୁହାଯାଏ । ଗୋଟିଏ ପୁଂଲିଙ୍ଗ ବାଚକ ଶବ୍ଦରେ ପ୍ରତ୍ୟୟ ଯୋଗକରି ସ୍ତ୍ରୀଲିଙ୍ଗ ବାଚକ ଶବ୍ଦ ଗଢ଼ା ହୋଇଥାଏ । ଭାଗବତରେ ପୁଲିଙ୍ଗ ବାଚକ ଶବ୍ଦ ସହିତ ବିବିଧ ପ୍ରତ୍ୟୟ ଯୁକ୍ତ ହୋଇ ସ୍ତ୍ରୀଲିଙ୍ଗ ବାଚକ ଶବ୍ଦ ଗଠିତ ହୋଇଛି । ନିମ୍ନରେ ଏହାର ଦୃଷ୍ଟାନ୍ତ ।

ଭାଗବତରେ ଜଗନ୍ନାଥ ଦାସ ସ୍ତ୍ରୀଲିଙ୍ଗ ବାଚକ ଶବ୍ଦ ପାଇଁ ପୁଂଲିଙ୍ଗ ବାଚକ ଶବ୍ଦରେ ଯୋଗ କରିଥିବା ଲିଙ୍ଗ ପରିବର୍ତ୍ତନକାରୀ ପ୍ରତ୍ୟୟ ଗୁଡ଼ିକ ହେଲା-'ଅ','ଅଣୀ', 'ଆୟଣୀ', 'ଆ', 'ଆନୀ', 'ଆଣୀ', 'ଇ', 'ଇନୀ', 'ଇଣୀ', 'ଈ', 'ଉଣୀ' । ଯଥା- ଦକ୍ଷ + ଆୟଣୀ = ଦାକ୍ଷାୟଣୀ, ଗଧ + ଉଣୀ = ଗଧୁଣୀ ।

**ବଚନ :**

ଯାହା ଦ୍ୱାରା ବାକ୍ୟରେ ବ୍ୟବହୃତ ହୋଇଥିବା ବସ୍ତୁ ବା ବ୍ୟକ୍ତିର ସଂଖ୍ୟା ବା ପରିମାଣ ଜଣାଯାଏ ତାହାକୁ ବଚନ କୁହାଯାଏ । ଓଡ଼ିଆରେ ବଚନ ଦୁଇ ପ୍ରକାରର । ଯଥା- (କ) ଏକବଚନ (ଖ) ବହୁବଚନ । ଗଠନ ଦୃଷ୍ଟିରୁ ପତ୍ୟେକ ବଚନ 'ପ୍ରତ୍ୟୟ ଯୁକ୍ତ' ଏବଂ 'ଶବ୍ଦଯୁକ୍ତ' ଭେଦରେ ଦ୍ୱିବିଧ ।

ପ୍ରତ୍ୟୟ ଯୁକ୍ତ ଏକବଚନ = ଏ - ଅନ୍ନ ପୁଡ଼ାଏ ମାଏ ଦେବ ।୧୦/୨୪/୫୫ ।

ଶବ୍ଦଯୁକ୍ତ ଏକବଚନ- ଏକ /ଗୋଟିଏ- ଗୋପିକେ ଗୋବିନ୍ଦ ଗୋଟିଏ ।୧୦/୩୨/୧୭୫ ।

ପ୍ରତ୍ୟୟ ଯୁକ୍ତ ବହୁବଚନ - ଏ- ବନ୍ଧନେ ପଶୁଏ ଯେସନ । ୪/୨୯/୨୬୯ ।

ଏ, ମାନେ, ମାନ ପ୍ରତ୍ୟୟ ବହୁବଚନ ଉଦ୍ଦେଶ୍ୟରେ ଭାଗବତରେ ବ୍ୟବହୃତ ।

ଶବ୍ଦଯୁକ୍ତ ବହୁବଚନ- ଯୂଥ- କରିଣୀ ଯୂଥ ତାହା ଦେଖି ।୮/ ୨/୭୯

'ଅନେକ', 'ଗଣ', 'ଗଣେ', 'ଗୋଷ୍ଠୀ', 'ଆଦି','ମଣ୍ଡାଏ', 'ମାଳ', 'ମାଳା','ବୃନ୍ଦ', 'ବେନି', 'ବିବିଧ', 'ଯୂଥ', 'ପଲ', 'ପନ୍ତି', 'ସକଳ', 'ସର୍ବ', 'ସମୂହ', 'ଥୋକାଏ', 'ଥୋକେ', 'ଅଳପ','ମେଳେ', 'ଜନ','ସମସ୍ତ', 'ମଣ୍ଡଳ', 'ଯୁଗଳ', 'ସଙ୍ଗ', 'ସମୂହ', 'ନାନା'ଶବ୍ଦ ବହୁବଚନ ରୂପେ ବ୍ୟବହୃତ ।

ବିଶେଷ୍ୟ ଓ ବିଶେଷଣର ପୁନଃପୁନଃ ପ୍ରୟୋଗରେ ବହୁବଚନ ହୋଇଥାଏ । ଯଥା- 'ଯୂଥଯୂଥ', 'ପନ୍ତିପନ୍ତି', 'ଖଣ୍ଡଖଣ୍ଡ', 'ମାଳେମାଳେ', 'କୁଦକୁଦ' ।

**କାରକ :**

ଗୋଟିଏ ପୂର୍ଣ୍ଣବାକ୍ୟରେ କ୍ରିୟା ସହିତ ପଦମାନଙ୍କର ଥିବା ସଂପର୍କକୁ କାରକ କହନ୍ତି । ଓଡ଼ିଆ ଭାଷାରେ କାରକ ଦୁଇ ପ୍ରକାରର । (୧) ସାଧାରଣ କାରକ ଏବଂ (୨) ତିର୍ଯ୍ୟକ କାରକ ।

**(୧) ସାଧାରଣ କାରକ :**

ବାକ୍ୟରେ କ୍ରିୟା ସହ ସଂପର୍କ ରଖୁଥିବା ପ୍ରତ୍ୟୟହୀନ ପଦରେ ସାଧାରଣ କାରକ ହୁଏ । ଉଦାହରଣ-

ନିଶ୍ଚୟ ପଡ଼ିବି ନରକ । ୯/୭/୧୯୬

ଯଶୋଦା **ରାମ** ଘେନି କୋଳେ । ୧୦/୯/୭୮

**(୨) ତିର୍ଯ୍ୟକ କାରକ :**

ବାକ୍ୟରେ କ୍ରିୟା ସହିତ ସଂପର୍କ ରଖୁଥିବା ପ୍ରତ୍ୟୟ ଯୁକ୍ତ ପଦକୁ ତିର୍ଯ୍ୟକ କାରକ କୁହାଯାଏ । ତିର୍ଯ୍ୟକ କାରକ ଛଅ ପ୍ରକାରର । ଯଥା- (କ) କର୍ତ୍ତା କାରକ, (ଖ) କର୍ମ କାରକ, (ଗ) କରଣ କାରକ, (ଘ)ସଂପ୍ରଦାନ କାରକ, (ଙ)ଅପାଦାନ କାରକ ଏବଂ (ଚ)ଅଧିକରଣ କାରକ ।

**(କ) କର୍ତ୍ତା କାରକ :** ଯେ କ୍ରିୟା ସଂପାଦନକରେ/ କରାଏ ତାହା କର୍ତ୍ତା କାରକ । ଯଥା-

ଭୋ ଦେବ କମଳ ଲୋଚନ ।

**(ଖ) କର୍ମ କାରକ :** କର୍ତ୍ତା ଯାହା କ୍ରିୟା ସାଧନ କରେ ତାହା କର୍ମକାରକ । ଯଥା-

ବ୍ୟାସଙ୍କୁ କହିଲେ ନାରଦ । ୧୦/୯୩/୫୫୭

**(ଗ) କରଣ କାରକ :** ଯାହାଦ୍ୱାରା କର୍ତ୍ତା କ୍ରିୟା ସାଧନକରେ ତାହା କରଣ କାରକ । ଉଦାହରଣ-

ଜଟା ଉପାଡ଼ି ନିଜ କରେ । ୯/୪/୧୨୧

**(ଘ) ସଂପ୍ରଦାନ କାରକ :** କର୍ତ୍ତା ନିଜର ଅଧିକାରକୁ ତ୍ୟାଗକରି କ୍ରିୟା ସାଧନ ପାଇଁ ଯାହାକୁ ଦାନ କରେ ସେଠାରେ ସଂପ୍ରଦାନ କାରକ ହୁଏ । ଯଥା - ହୋତାଙ୍କୁ ପୂର୍ବଦିଗ ଦେଲେ । ୯/୧୧/୬

**(ଙ) ଅପାଦାନ କାରକ :** ବାକ୍ୟରେ କୌଣସି ବସ୍ତୁ ପୃଥକ ହେବା ବୁଝାଇଲେ, ଯାହାଠାରୁ ପୃଥକ ହୁଏ ସେଠାରେ ଅପାଦାନ କାରକ ହୁଏ । ଉଦାହରଣ-ତୋହର ପାଦୁଁ ଜାତ ମହୀ । ୧୦/୩/୧୮୨

**(ଚ) ଅଧିକରଣ କାରକ :** କର୍ତ୍ତା ଯେବେ /ଯେଉଁଠି କ୍ରିୟା ସାଧନ କରେ ସେଠାରେ ଅଧିକରଣ କାରକ ହୁଏ । ଉଦାହରଣ- କାମଦେବର ଭସ୍ମକାଳେ । ସମ୍ବର ନେଲା ତାକୁ ବଳେ । ୧୦/୫୯/୧୧

**ବିଭକ୍ତି :**

ବାକ୍ୟ ମଧ୍ୟରେ ଯେଉଁ ବର୍ଣ୍ଣ ବା ବର୍ଣ୍ଣ ସମଷ୍ଟି ବିଭିନ୍ନ ପଦର ବଚନ, କାରକ ଓ ସମ୍ବନ୍ଧ ପଦକୁ ସୂଚିତ କରାଇବାରେ ସହାୟକ ହୋଇଥାଏ ତାହାକୁ ବିଭକ୍ତି ପ୍ରତ୍ୟୟ କହନ୍ତି । ଭାଗବତରେ ବ୍ୟବହୃତ ବିଭକ୍ତି ପ୍ରତ୍ୟୟଗୁଡ଼ିକ ହେଲା-

ପ୍ରଥମା ବିଭକ୍ତି- ଏ, ଭୋ, ଟି

ଦ୍ୱିତୀୟା ବିଭକ୍ତି- କୁ, ଙ୍କୁ, କି, ଙ୍କି, ଉ, ଏ, ଣେ, ତେ, ରେ, ନ୍ତ

ତୃତୀୟା ବିଭକ୍ତି- ଏ, ରେ, ଏଣ, ୟେ

ଚତୁର୍ଥୀ ବିଭକ୍ତି- କୁ, ଙ୍କୁ, କି, ଙ୍କି, ଉ, ଏ, ପାଇଁ, ଅର୍ଥେ, ନିମନ୍ତେ, ସକାଶ, ତେ ।

ପଞ୍ଚମୀ ବିଭକ୍ତି- ଉ, ଏ, ଉଂ, ଉଁ, ରୁ, ଠାରୁ, ଠାର, ଠାରେ, ହୁଁ, ହୁଂ, ତହୁଂ, ତହୁଁ, ନ୍ତେ, ର-ତହୁଁ ।

ଷଷ୍ଠୀ ବିଭକ୍ତି- ର, ଙ୍କ, ଙ୍କର, ମାନଙ୍କର ।

ସପ୍ତମୀ ବିଭକ୍ତି- ଏ, ର, ରେ, ଠାଏଁ, ଠାଇଁ, ଠାର, ଠାରେ, ଠାବେ, ନ୍ତେ, ଏଣ, ର-ତହିଁ ।

**ବିଷେଷଣ :**

ବାକ୍ୟରେ ଯେଉଁ ପଦ ଅନ୍ୟ ପଦର ଗୁଣ, ଅବସ୍ଥା, ସଂଖ୍ୟା, ପରିମାଣ ଇତ୍ୟାଦିକୁ ବୁଝାଇଥାଏ, ତାହାକୁ ବିଶେଷଣ କୁହାଯାଏ । ଅର୍ଥାତ୍ ଯେଉଁ ପଦ ଅନ୍ୟପଦକୁ ବିଶେଷିତ କରେ ତାହା ବିଶେଷଣ । ଗଠନ ଦୃଷ୍ଟିରୁ ବିଚାର କଲେ ବିଶେଷଣ ଦୁଇ ପ୍ରକାରର । ଯଥା- ସରଳ ବିଶେଷଣ ଓ ଯୌଗିକ ବିଶେଷଣ ।

**ସରଳ ବିଶେଷଣ :**

ସରଳ ବିଶେଷଣଗୁଡ଼ିକ ଏକ ଶବ୍ଦ ବିଶିଷ୍ଟ ଯେଉଁଥିରେ ପ୍ରତ୍ୟୟ ଯୋଗ ହୋଇନଥାଏ । ଉଦାହରଣ-

ମୋର ଶରୀରେ କାର୍ଯ୍ୟ ନାହିଁ । ଅସାର ଅନିତ୍ୟ ଏ ଦେହୀ । ୧୦/୯୬/୬୦

**ଯୌଗିକ ବିଶେଷଣ :**

ଯୌଗିକ ବିଶେଷଣଗୁଡ଼ିକ ମୂଳ ଓ ଅନ୍ୟାନ୍ୟ ପଦକୁ ନେଇ ଗଠିତ । ଭାଗବତରେ ଯୌଗିକ ବିଶେଷଣର ବ୍ୟବହାର- ଆତ୍ମତତ୍ତ୍ୱଜ୍ଞ ଯୋଗୀମାନ । ସମାଧି ଯୋଗରେ ପ୍ରମାଣ ।

୨୦/୫/୧୮

ବିଶେଷଣକୁ ବର୍ଣ୍ଣନାତ୍ମକ ଏବଂ ନିର୍ଦ୍ଦେଶାତ୍ମକ ଭେଦରେ ଦୁଇଟି ବର୍ଗରେ ବିଭକ୍ତ କରାଯାଇଛି ।

**ବର୍ଣ୍ଣନାତ୍ମକ ବିଶେଷଣ :**

ବର୍ଣ୍ଣନାତ୍ମକ ବିଶେଷଣ ସାଧାରଣତଃ ଗୁଣବାଚକ । ବାକ୍ୟରେ ଏହି ବିଶେଷଣ ପଦ ବିଶେଷ୍ୟ ପଦ ସହିତ କିମ୍ବା ବିଧେୟ ସ୍ଥାନରେ କର୍ତ୍ତା ବା କର୍ମ ସହିତ ସଂପର୍କ ରଖି ତାହାର ଗୁଣକୁ ପ୍ରକାଶ କରେ । ଏଥିରେ ରୂପ, ଅବସ୍ଥା, ଚରିତ୍ର ଲକ୍ଷଣ, ରଙ୍ଗ, ସଂଖ୍ୟା, ବୟସ, ଆକାର, ସମୟ, ପରିମାଣ, ରୀତି, ଗୁଣ, ସ୍ଥାନ ଆଦି ବିଶେଷିତ ହୋଇଥାଏ ।

**ନିର୍ଦ୍ଦେଶାତ୍ମକ ବିଶେଷଣ :**

ଯେଉଁ ବିଶେଷଣ ପଦଟି ବିଶେଷ୍ୟ ପଦର ନିର୍ଦ୍ଦିଷ୍ଟତାକୁ ସୂଚିତ କରାଏ ତାକୁ ନିର୍ଦ୍ଦେଶାତ୍ମକ ବିଶେଷଣ କହନ୍ତି ।ଏହାକୁ ଚାରି ଭାଗରେ ବିଭକ୍ତ କରାଯାଇପାରେ । ଯଥା- (କ) ସାର୍ବନାମିକ, (ଖ) ପରିମାଣାତ୍ମକ, (ଗ) ଅଂଶବାଚକ, (ଘ) ସଂଖ୍ୟାବାଚକ ।

**ବିଶେଷଣର ବିଶେଷ ଆଲୋଚନା :**

**ବିଶେଷ୍ୟର ବିଶେଷଣ ରୂପେ ପ୍ରୟୋଗ :**

ବିଶେଷ୍ୟ ପଦ ବାକ୍ୟରେ ବ୍ୟବହୃତ ହୋଇ ଅନ୍ୟ ବିଶେଷ୍ୟ ପଦକୁ ବିଶେଷିତ କଲେ, ତାହାକୁ ବିଶେଷ୍ୟର ବିଶେଷଣ ରୂପ କୁହାଯାଏ । ଭାଗବତରେ ଏହାର ଉଦାହରଣ-

ନର ଶରୀର ଅଶ୍ୱଶିର । ସୁବର୍ଣ୍ଣ ବର୍ଣ୍ଣ ଜଟାଭାର ।।୨/୭/୫୭

**ବିଶେଷଣର ବିଶେଷଣ ରୂପେ ପ୍ରୟୋଗ :**

ବାକ୍ୟରେ ଯେଉଁ ବିଶେଷଣ ପଦଟି ଅନ୍ୟ ଏକ ବିଶେଷଣ ପଦର ଆଧିକ୍ୟ ବା ନ୍ୟୂନତାକୁ ବିଶେଷିତ କରିଥାଏ ତାହାକୁ ବିଶେଷଣର ବିଶେଷଣ କୁହାଯାଏ । ଭାଗବତରେ ଏହାର ଉଦାହରଣ-

ଦଗ୍ଧ ସୁବର୍ଣ୍ଣ ପ୍ରାୟେ ବର୍ଣ୍ଣ । କର୍କଶ ପିଙ୍ଗଳ ଲୋଚନ ।

୭/୮/୯୬

**ବିଧେୟ ବିଶେଷଣ :**

ବାକ୍ୟରେ ପ୍ରୟୋଜନ ଦୃଷ୍ଟିରୁ ବିଶେଷ୍ୟ ପଦର ପରେ ବିଶେଷଣ ପଦ ପ୍ରୟୋଗ ହୋଇଥିଲେ, ତାହାକୁ ବିଧେୟ ବିଶେଷଣ କହନ୍ତି । ଯଥା- ତୁ ନାଥ ପୁରୁଷ ପୁରାଣ । ୭/୪/୯୫

**କ୍ରିୟା ବିଶେଷଣ :**

ବାକ୍ୟରେ ଯେଉଁ ବିଶେଷଣ ପଦଟି କ୍ରିୟାର କୌଣସି ଗୁଣକୁ ବିଶେଷିତ ବା ପ୍ରକାଶ କରେ, ତାହାକୁ କ୍ରିୟା ବିଶେଷଣ କହନ୍ତି ।ଭାଗବତରେ ଏହାର ଉଦାହରଣ-ଭୋ ମୁନି **ବିସ୍ତାରିଣ** କହ । ୫/୧୬/୧୩

**କ୍ରିୟାଜ ବିଶେଷଣ :**

କ୍ରିୟାରୁ ସୃଷ୍ଟି ହୋଇଥିବା ବା କ୍ରିୟାରୁ ଗଠିତ ହୋଇଥିବା ପଦ ବିଶେଷ୍ୟ ପଦର ଗୁଣ ବା ଅବସ୍ଥାକୁ ବିଶେଷିତ କରୁଥିଲେ,

ତାହାକୁ କ୍ରିୟାଜ ବିଶେଷଣ କହନ୍ତି ।ଭାଗବତରେ ଏହାର ଉଦାହରଣ-

ଶୋଇଲା ପୁଅକୁ କନ୍ଦାଏ । ଗୋଡ଼ାଇ ଗଲେ ଗାଳିଦିଏ ॥ ୧୦/୯/୧୩୩

**ସାର୍ବନାମିକ ବିଶେଷଣ :**

ବାକ୍ୟରେ ଯେଉଁ ସାର୍ବନାମିକ ପଦ ବିଶେଷଣ ପଦରୂପେ ବ୍ୟବହୃତ ହୋଇଥାଏ, ତାହାକୁ ସାର୍ବନାମିକ ବିଶେଷଣ କହନ୍ତି । ଯଥା-

କାଳିନ୍ଦୀ ହ୍ରଦେ ନ ପଶିବୁ । ଜୀବନେ **ଯେତେ**କାଳ ଥିବୁ ॥ ୧୦/୧୮/୭୮

**ବିଶେଷଣର ସାର୍ବନାମିକ ବିଶେଷଣ :**

ବାକ୍ୟରେ ଯେଉଁ ସାର୍ବନାମିକ ବିଶେଷଣ ପଦଟି ବିଶେଷଣକୁ ବିଶେଷିତ କରାଏ, ତାହା ବିଶେଷଣର ସାର୍ବନାମିକ ବିଶେଷଣ । ଭାଗବତରେ ଏହାର ଉଦାହରଣ-

ଏ ଘୋର ସଂକଟ ତାରଣେ । ଶରଣ ଗଲୁ ତୋ ଚରଣେ ।

୮/୨୩/୧୬୦

**ସର୍ବନାମ :**

ବାକ୍ୟରେ ଯେଉଁ ପଦଟି ଅନ୍ୟ କୌଣସି ପଦ, ଖଣ୍ଡବାକ୍ୟ ବା ବାକ୍ୟ ପରିବର୍ତ୍ତେ ବ୍ୟବହୃତ ହୋଇଥାଏ ତାହାକୁ ସର୍ବନାମ କୁହାଯାଏ । ବ୍ୟବହାର ଦୃଷ୍ଟିରୁ ସର୍ବନାମ ଗୁଡ଼ିକୁ ଦୁଇଭାଗରେ ବିଭକ୍ତ କରାଯାଇଛି । ଯଥା-(୧) ବ୍ୟକ୍ତିବାଚକ/ପ୍ରାଣୀବାଚକ ସର୍ବନାମ ଏବଂ (୨) ଅବ୍ୟକ୍ତିବାଚକ/ଅପ୍ରାଣୀବାଚକ ସର୍ବନାମ । ପ୍ରତ୍ୟେକ ସର୍ବନାମର ସରଳ ଓ ତୀର୍ଯ୍ୟକ ଭେଦରେ ଦୁଇଟି ରୂପ ରହିଛି ।

**(୧) ପ୍ରାଣୀବାଚକ ସର୍ବନାମ :**

ପ୍ରାଣୀବାଚକ ସର୍ବନାମକୁ ପ୍ରଥମ ପୁରୁଷ, ଦ୍ୱିତୀୟ ପୁରୁଷ, ତୃତୀୟ ପୁରୁଷ ଏବଂ ଆତ୍ମବାଚକ ଭେଦରେ ଭାଗ କରାଯାଇଛି ।

ପ୍ରଥମ ପୁରୁଷ ସରଳ ସର୍ବନାମ ରୂପ- ମୁଁ ପ୍ରିୟ ସୁହୃଦ ତୋହର । ୩/୧/୧୫୧

ପ୍ରଥମ ପୁରୁଷ ତୀର୍ଯ୍ୟକ ସର୍ବନାମ ରୂପ- ଉପାୟ ଥିଲେ କହ ମୋତେ । ୧୧/୪/୬୪

**(୨) ଅପ୍ରାଣୀବାଚକ ସର୍ବନାମ :**

ଅପ୍ରାଣୀବାଚକ ସର୍ବନାମଗୁଡ଼ିକ ପାଞ୍ଚ ପ୍ରକାରର । ଯଥା- (୧) ନିର୍ଦ୍ଦେଶାତ୍ମକ ସର୍ବନାମ (୨) ପ୍ରଶ୍ନସୂଚକ ସର୍ବନାମ (୩) ସମ୍ବନ୍ଧବାଚକ ସର୍ବନାମ (୪) ନିର୍ଣ୍ଣୟାତ୍ମକ ସର୍ବନାମ (୫) ବିବରଣାତ୍ମକ ସର୍ବନାମ

(୧) ନିର୍ଦ୍ଦେଶାତ୍ମକ ସର୍ବନାମ- ଏ ମହୀତଳେ ଯେତେ ରାଜା । ୪/୧୨/୬

(୨) ପ୍ରଶ୍ନସୂଚକ ସର୍ବନାମ – କିବା କାରଣ କିସ ଅର୍ଥେ । ଏଥେ ମିଳିଲ ଶୂନ୍ୟପଥେ । ୧୧/୧୪/୧୧୦

(୩) ସମ୍ବନ୍ଧବାଚକ ସର୍ବନାମ- ବାସବ ବଜ୍ରେ ହୋଇ ଭଙ୍ଗ । ଯେହ୍ନେ ପଡ଼ଇ ଗିରିଶୃଙ୍ଗ ॥ ୧୦/୬୪/୭୯

(୪) ନିର୍ଣ୍ଣୟାତ୍ମକ ସର୍ବନାମ- ସକଳ ମାୟା ମୟ ହେଉ । ନଟର ପ୍ରାୟେ ତୁ ଦେଖାଉ ॥ ୬/୯/୧୨୯

(୫) ବିବରଣାତ୍ମକ ସର୍ବନାମ-ଏମନ୍ତେ ଅସୁରଙ୍କ ମାୟା ।

୮/୧୦/୧୩୨

**କ୍ରିୟା :**

ଗଠନ ଦୃଷ୍ଟିରୁ କ୍ରିୟାକୁ ଦୁଇଭାଗରେ ବିଭକ୍ତ କରାଯାଏ । ଯଥା- ଅସମାପିକା କ୍ରିୟା ଏବଂ ସମାପିକା କ୍ରିୟା ।ଯେଉଁ କ୍ରିୟାର ବ୍ୟବହାର ଦ୍ୱାରା ବାକ୍ୟର ଅର୍ଥ ସଂପୂର୍ଣ୍ଣ ରୂପେ ପ୍ରକାଶ ନପାଇ ଅନ୍ୟ ଏକ କ୍ରିୟାର ଅପେକ୍ଷା ରଖେ ତାହାକୁ ଅସମାପିକା କ୍ରିୟା ଏବଂ ଯେଉଁ କ୍ରିୟାର ବ୍ୟବହାର ଦ୍ୱାରା ବାକ୍ୟର ଅର୍ଥ ସଂପୂର୍ଣ୍ଣ ରୂପେ ପ୍ରକାଶ ପାଇଥାଏ ଏବଂ ଅନ୍ୟ କ୍ରିୟାର ଅପେକ୍ଷା ରଖେ ନାହିଁ ତାହାକୁ ସମାପିକା କ୍ରିୟା କୁହାଯାଏ ।

**ଅସମାପିକା କ୍ରିୟା :** ଅସମାପିକା କ୍ରିୟାପଦରେ ସାଧାରଣତଃ 'ଇ', 'ଉ', 'ଇଲେ', 'ଅନ୍ତେ', 'ଉଣୁ', 'ଏ', 'ତେ', 'ଆଇ' ପ୍ରତ୍ୟୟ ଯୋଗ ହୋଇଥାଏ । 'ଆଇ', 'ଇଣ', 'ଆଇଁ', 'ଆନ୍ତେ', 'ଉଁ', 'ଇବାର', 'ଅନ୍ତା', 'ଆରେ', 'ଇଁ', 'ଣ' ପ୍ରତ୍ୟୟ ଯୋଗେ ଗଠିତ ଅସମାପିକା କ୍ରିୟାପଦର ବ୍ୟବହାର ବର୍ତ୍ତମାନର ଓଡ଼ିଆ ଭାଷାରେ ନାହିଁ । ଅଧୁନା ମାନକ ଭାଷାରେ 'ଇ', 'ଉ', 'ଅନ୍ତେ', 'ଏ' ପ୍ରତ୍ୟୟ ଯୁକ୍ତ ଅସମାପିକା କ୍ରିୟାର ବହୁଳ ପ୍ରୟୋଗ ରହିଛି । ପ୍ରାଚୀନ ଓ ମଧ୍ୟଯୁଗୀୟ କାବ୍ୟକବିତାରେ ଏହି ପ୍ରତ୍ୟୟର ପ୍ରୟୋଗ ଲକ୍ଷ୍ୟ କରାଯାଏ । ଉଦାହରଣ- ଇ- ଦେଖି, ଉ- ମଣୁ, ଅନ୍ତେ- ଚାଲନ୍ତେ, ଏ- ଲଙ୍ଘେ, ଇଁ- କହିବଇଁ, ଣ- ଦେଖଣ

**ସମାପିକା କ୍ରିୟା :** ସମାପିକା କ୍ରିୟା 'ଶୁଦ୍ଧ' ଓ 'ମିଶ୍ର' ଭେଦରେ ଦ୍ୱିବିଧ । ଗୋଟିଏ ପଦରେ ଗଠିତ ସମାପିକା କ୍ରିୟାକୁ ଶୁଦ୍ଧ କ୍ରିୟା ଏବଂ ପଦରେ ସାହାଯ୍ୟକାରୀ କ୍ରିୟା ଯୋଗେ ଗଠିତ କ୍ରିୟାକୁ ମିଶ୍ର କ୍ରିୟା କହନ୍ତି ।

**ଦେଖ** ଏ ଅନିତ୍ୟ ଶରୀର । ୫/୧୧/୧୮(ଶୁଦ୍ଧକ୍ରିୟା)

**ଉପୁଡ଼ି ପଡ଼ିଲେ** ପ୍ରତ୍ୟକ୍ଷେ । ୨/୭/୧୨୯(ମିଶ୍ରକ୍ରିୟା)

କ୍ରିୟାର ମୂଳ ପିଣ୍ଡକୁ ଧାତୁ କୁହାଯାଏ । ଭାଗବତରେ ଚାରି ପ୍ରକାର ଧାତୁର ବ୍ୟବହାର ରହିଛି । ଯଥା- (କ) ତତ୍‌ସମ, (ଖ) ତଦ୍‌ଭବ, (ଗ) ଦେଶଜ ଏବଂ (ଘ) ଦ୍ରାବିଡ଼ ।

(କ) ତତ୍‌ସମ- କମ୍ପ (କମ୍ପଇ, ଧ୍ୱଂସ) ଧ୍ୱଂସିଲେ, ଛେଦ- ଛେଦିଲେ ।

(ଖ) ତଦ୍‌ଭବ- କୃ - କର - କରନ୍ତି, କଥ୍-କହ-କହନ୍ତି, ଜ୍ଞା-ଜାଣ-ଜାଣିଲି ।

(ଗ) ଦେଶଜ- ହମ୍ବାଳ -ହମ୍ବାଳ, ଲେଉଟ-ଲେଉଟ, ଯୋଖ-ଯୋଖିଲା, ଟଳ୍ -ଟଳିଲା ।

(ଘ) ଦ୍ରାବିଡ଼- ଚିପ୍‌ପୁ - ଚିପିଲେ, ଓଡୁ - ଅଡ଼ଇବା, କଚ୍ଚେ - କାଚ୍ଚଇ, ଚିରୁ - ଚିରିବା ।

କର୍ମ ଦୃଷ୍ଟିରୁ କ୍ରିୟା ତିନି ପ୍ରକାରର । ଯଥା- ସକର୍ମକ, ଅକର୍ମକ ଓ ଦ୍ୱିକର୍ମକ ।

**କ୍ରିୟା ବିଭକ୍ତି :**

(କ) ଭାଗବତରେ କ୍ରିୟାର ଦ୍ୱିତୀୟା ବିଭକ୍ତି ପାଇଁ 'ତେ' ଏବଂ 'ଏ' ଚିହ୍ନର ବ୍ୟବହାର ପରିଲକ୍ଷିତ ହୁଏ ।

ଯଥା- ଆଉ **କହିତେ** ନାହିଁ ବେଳ ॥୧୦/୪/୧୪୧, ପ୍ରାଣୀ **ମାରଣେ** ବଡ଼ ପ୍ରିୟ ॥ ୭/୨/୪୬

(ଖ) ଭାଗବତରେ କ୍ରିୟାର ତୃତୀୟା ବିଭକ୍ତି ପାଇଁ 'ଏ' ଏବଂ 'ରେ' ଚିହ୍ନର ପ୍ରୟୋଗ ରହିଛି ।

ଯଥା- ତାଙ୍କୁ **ଭୋଜନେ** କରି ସୁଖୀ ॥ ୮/୧୬/୧୩୧, ବିନୟେ **ସେବାରେ** ସେ ପୁଣ ॥୨/୯/୧୩୮

(ଗ) ଭାଗବତରେ କ୍ରିୟାର ପଞ୍ଚମୀ ବିଭକ୍ତି ପାଇଁ 'ଏ' ଚିହ୍ନର ପ୍ରୟୋଗ ରହିଛି । ଯଥା-

ଭାତୃ ନିଧନେ ସେ ବିକଳେ । ୭/୨/୧୮

**ଅବ୍ୟୟ :**

ଭାଗବତରେ ବିଭିନ୍ନ ପ୍ରକାର ଅବ୍ୟୟ ପଦର ବ୍ୟବହାର ରହିଛି । ସେଥିମଧ୍ୟରୁ ଅଧୁନା ପ୍ରଚଳିତ ଅବ୍ୟୟ ପଦ- ଯାହା, ତାହା, ଏ, ଏମନ୍ତ, ଯେଉଁ, ହୁଁ, ନ, ନାହିଁ, ହେ, ତେଣୁ, ତଥାପି, ଆଦି, ଏହି, କେ, ଲୋ, ବିନା, ବିନୁ, କି, କିମ୍ପାଇଁ, କିମ୍ପା, ଅବା, ଯେବେ, ବୋଲି, ସିନା, କେବଳ, ମାତ୍ର, ନିଶ୍ଚେ, ଅବଶ୍ୟ, କାହିଁ, ପୁଣି, ବା, ଏଣୁ, ଯେ, ଯେବେ-ତେବେ, ସକଳ, ଧିକ୍, କିସ, କେହି, ଟି, ଅଟଇ, ପରି .. । ଅଧୁନା ଅପ୍ରଚଳିତ ଅବ୍ୟୟ ପଦ- ଭୋ, ହୋ, କେହ୍ନେ, ପୁଣ, ଆର, ଆବର, ଯାବତ-ତାବତ, ଯେହ୍ନେ, ତେମନ୍ତ, ଯେମନ୍ତ, କେବଣ ଆଦି ।

**ବାକ୍ୟତତ୍ତ୍ୱ :** ବାକ୍ୟ ବିଜ୍ଞାନକୁ ଇଂରାଜୀରେ ସିନ୍‌ଟାକସ୍ (syntax) କହନ୍ତି । ସିନ୍‌ଟାକସ୍ (syntax) ଶବ୍ଦର ମୂଳ ଗ୍ରୀକ ଶବ୍ଦ syntaxis । ଏହାର ଅର୍ଥ ବାକ୍ୟ ମଧ୍ୟରେ ଥିବା ପଦଗୁଡ଼ିକର ପାରସ୍ପରିକ ସଂପର୍କର ବିଶ୍ଳେଷଣ କରିବା । ବାକ୍ୟ ସଂମ୍ବନ୍ଧୀୟ ଆଲୋଚନା ହିଁ ବାକ୍ୟ ବିଜ୍ଞାନ ।

ଏକ ବା ଏକାଧିକ ପଦ ମିଳିତ ହୋଇ ବକ୍ତା ମନର ଭାବକୁ ସଂପୂର୍ଣ୍ଣ ରୂପେ ପ୍ରକାଶ କରିବାରେ ସମର୍ଥ ହେଲେ, ତାହାକୁ ବାକ୍ୟ କହନ୍ତି ।ସାଧାରଣତ କର୍ତ୍ତା, କର୍ମ, କ୍ରିୟା ନିୟମରେ ଓଡ଼ିଆ ବାକ୍ୟ ରଚିତ । କାବ୍ୟ-କବିତା କ୍ଷେତ୍ରରେ ବ୍ୟତିକ୍ରମ ଲକ୍ଷ୍ୟ କରାଯାଏ । ଜଗନ୍ନାଥଙ୍କ ଭାଗବତରେ ମଧ୍ୟ ଏହାର ରୂପ ଉପଲବ୍ଧ ।

କର୍ତ୍ତା + କର୍ମ + କ୍ରିୟା = ପ୍ରାଣୀ ସଂସାରୁ ତରିଯାନ୍ତି । ୬/୧୬/୧୨୭

କର୍ତ୍ତା + କ୍ରିୟା + କର୍ମ = ରାଜା ପଶିଲା ବନଘୋରେ । ୯/୯/୧୧୩

କ୍ରିୟା + କର୍ତ୍ତା + କର୍ମ = କହଇ ଦାସ ଜଗନ୍ନାଥ । ପ୍ରଥମ ସ୍କନ୍ଧେ ଭାଗବତ ॥ ୧/୧୪/୧୨୧

କ୍ରିୟା + କର୍ମ + କର୍ତ୍ତା = ଦେଖନ୍ତି ସ୍ୱର୍ଗେ ଦେବତାଏ ॥ ୧୦/୩୪/୬

କର୍ମ + କର୍ତ୍ତା + କ୍ରିୟା = ଫୁଟି ବାଳକ ଉପୁଜିଲା । ୧୧/୮/୧୯୮

କର୍ମ + କ୍ରିୟା + କର୍ତ୍ତା = ବୃଦ୍ଧ ଶରୀର ଗ୍ରାସେ କାଳ । ୪/୨୩/୬

ଗଠନ ଦୃଷ୍ଟିରୁ ବାକ୍ୟ ତିନି ପ୍ରକାରର । ଯଥା- ସରଳ ବାକ୍ୟ, ଜଟିଳ ବାକ୍ୟ ଏବଂ ଯୌଗିକ ବାକ୍ୟ ।

**ସରଳ ବାକ୍ୟ :** ଯେଉଁ ବାକ୍ୟରେ ଗୋଟିଏ ଉଦ୍ଦେଶ୍ୟ, ଗୋଟିଏ ବିଧେୟ ଏବଂ ଗୋଟିଏ ସମାପିକା କ୍ରିୟା ଥାଏ, ତାହାକୁ ସରଳ ବାକ୍ୟ କୁହାଯିବ । ଯଥା–

ଏବେ ହୋ ଶୁଣ ନରନାଥ । କୃଷ୍ଣ ଚରିତ ଭାଗବତ ॥

୭/୧/୯୮

**ଜଟିଳ ବାକ୍ୟ :** ପରସ୍ପର ସାପେକ୍ଷ ଦୁଇ ବା ତତୋଧିକ ଆଶ୍ରିତ ବାକ୍ୟର ମିଳନରେ ଯେଉଁ ବାକ୍ୟ ଗଠିତ ହୁଏ, ତାହା ଜଟିଳ ବାକ୍ୟ । ଯଥା–

ଯେ ଦନ୍ତେ ରାମକୁ ହସିଲା । ସେ ଭାଜି ଭୂମିରେ ପଡ଼ିଲା ॥

**ଯୌଗିକ ବାକ୍ୟ :** ଦୁଇ ବା ତତୋଧିକ ନିରପେକ୍ଷ ବାକ୍ୟର ମିଶ୍ରଣରେ ଯେଉଁ ବାକ୍ୟ ଗଠିତ ହୁଏ, ତାହାକୁ ଯୌଗିକ ବାକ୍ୟ କହନ୍ତି । ଯଥା–

ତୁ ଅନୁଗ୍ରହ ମୋତେ କର । ଏ କାମାନଳ ପରିହର ॥

୪/୨୫/୨୧୫

କହ ତୁ ତୋର କିସ ନାମ । କି ପ୍ରୟୋଜନେ ତୋ ଗମନ

॥୩/୨୦/୧୦୯

ଭାଗବତରଏହି ଦୁଇ ପଦରେ ବ୍ୟବହୃତ ଗୋଟିଏ ଗୋଟିଏ ପାଦ ଗୋଟିଏ ଗୋଟିଏ ସରଳବାକ୍ୟ । ଭାବ ଦୃଷ୍ଟିରୁ ଏଗୁଡ଼ିକ ଯୌଗିକ ବାକ୍ୟର ଯୋଗ୍ୟତା ରଖନ୍ତି କିନ୍ତୁ ଏଥିରେ କୌଣସି ସଂଯୋଜକ ଅବ୍ୟୟ ପଦର ବ୍ୟବହାର ନାହିଁ ।

ଭାବ ଅନୁସାରେ ବାକ୍ୟକୁ ଚାରି ଭାଗରେ ବିଭକ୍ତ କରାଯାଇପାରେ । ଯଥା– (୧) ବିବୃତି ସୂଚକ ବାକ୍ୟ, (ଖ) ପ୍ରଶ୍ନ ସୂଚକ ବାକ୍ୟ, (୩) ବିସ୍ମୟ ସୂଚକ ବାକ୍ୟ ଏବଂ (୪) ଆଦେଶ ସୂଚକ ବାକ୍ୟ ।

କ୍ରିୟାର ସ୍ଥିତି ଦୃଷ୍ଟିରୁ ବାକ୍ୟକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି । କ୍ରିୟାଯୁକ୍ତ ବାକ୍ୟ ଏବଂ କ୍ରିୟାହୀନ ବାକ୍ୟ ।

**କ୍ରିୟାଯୁକ୍ତ ବାକ୍ୟ :**

ମନୁଷ୍ୟ ଦେହେ ଦିବ୍ୟଜ୍ଞାନ । ଦେଖି ସନ୍ତୋଷ ଭଗବାନ ॥

୧୧/୧୦/୧୧୪

**କ୍ରିୟାହୀନ ବାକ୍ୟ–** ବିଚିତ୍ର ବୀର୍ଯ୍ୟ ଶୁଦ୍ଧ କର୍ମା ।

ଅଶେଷ ତାହାର ମହିମା ॥ ୭/୮/୧୮୧

ରଚନା ଦୃଷ୍ଟିରୁ ବାକ୍ୟ ଦୁଇ ପ୍ରକାର । ଯଥା– ପୁର୍ଣ୍ଣ ବାକ୍ୟ ଓ ଅପୂର୍ଣ୍ଣ ବାକ୍ୟ ।

**ପୂର୍ଣ୍ଣ ବାକ୍ୟ–** ବାକ୍ୟର ସମସ୍ତ ଅଂଶ ଥାଇ ଯେଉଁ ବାକ୍ୟ ରଚନା କରାଯାଏ, ତାହା ପୂର୍ଣ୍ଣ ବାକ୍ୟ ।

ବ୍ରହ୍ମାଙ୍କୁ ପଚାରିଲେ ଯେତେ । ପ୍ରସନ୍ନେ କହିବି ମୁଁ ତୋତେ ॥

୨/୪/୮୪

ଏଥିରେ କର୍ତ୍ତା, କର୍ମ, କ୍ରିୟା ସହ ସମସ୍ତ ଯୋଗ୍ୟତା ଥିବାରୁ ଏହା ପୂର୍ଣ୍ଣ ବାକ୍ୟ ।

**ଅପୂର୍ଣ୍ଣ ବାକ୍ୟ–** ପ୍ରଶ୍ନ ଉତ୍ତର କ୍ଷେତ୍ରରେ ବା ଦୁଇ ଜଣଙ୍କ କଥୋପ କଥନରେ ପଦଗୁଡ଼ିକର ଲୋପହୋଇ ଅପୂର୍ଣ୍ଣ ବାକ୍ୟ ସୃଷ୍ଟି ହୁଏ । ଯଥା–

ଯାଅନ ଧର ଏତେବେଳେ ।

ପଛେ ଘେନିବି ତୋତେ କୋଳେ ॥ ୧୦/୧୦/୨୫

ଏଠାରେ 'ଯାଅ' ଏବଂ 'ନଧର ଏତେବେଳେ' ଦୁଇଟି ଅପୂର୍ଣ୍ଣ ବାକ୍ୟ ।

**କାବ୍ୟିକ ବିଶେଷତା :**

କାବ୍ୟ ରଚନା ସମୟରେ ବାକ୍ୟ ଗଠନର ନିୟମକୁ ପରିତ୍ୟାଗ କରିବାକୁ ପଡ଼ିଥାଏ । ଅନେକ କଥାକୁ ଗୋଟିଏ ଶବ୍ଦରେ ଏବଂ ଧାଡ଼ିରେ  କହିବାକୁ ପଡ଼ିଥାଏ । ପଦମେଳ ପାଇଁ ନିୟମ ଭାଙ୍ଗିବାକୁ ପଡ଼ିଥାଏ । ଏହା ହିଁ କାବ୍ୟିକ ବିଶେଷତା ।

**ପଦଲୋପ :** ବାକ୍ୟରେ ବ୍ୟବହୃତ ବିଭିନ୍ନ ପଦର ଲୋପ କାବ୍ୟିକ ଭାଷାରେ ହୋଇଥାଏ । ପଦର ଲୋପ ହୋଇଥିଲେ ମଧ୍ୟ କାବ୍ୟର ସୌନ୍ଦର୍ଯ୍ୟ ବା ଅର୍ଥରେ କୌଣସି ପରିବର୍ତ୍ତନ ହୋଇନଥାଏ । ଯଥା–

**କ୍ରିୟା ଲୋପ–** ବ୍ରହ୍ମା ବଚନ ଇଷ୍ଟ ମୋର ।

ଏଣୁ ମନୁଷ୍ୟ ଅବତାର ॥ ୧୧/୮/୭

**କର୍ତ୍ତା ଲୋପ–** ବସି ଯେ ଥିଲା ବୃକ୍ଷତାଳେ ॥

୭/୨/୧୮୨

**କର୍ମ ଲୋପ–** ମୁନି ବିଶ୍ୱରୂପ ହସିଲେ ॥ ୬/୭/୮୦

ନମସ୍ତେ ଅନନ୍ତ ମୁରତି ॥ ୭/୮/୧୮୦

**ସଂକ୍ଷେପୀକରଣ**

ବାକ୍ୟର ସୌନ୍ଦର୍ଯ୍ୟ ପାଇଁ ସଂକ୍ଷେପୀକରଣର ଆବଶ୍ୟକତା ଥାଏ । ଏହା ଦ୍ୱାରା ଅନେକ ଶବ୍ଦକୁ ଅଳ୍ପରେ ପ୍ରକାଶ କରିହୁଏ । ଯଥା-

ସମାସ ଦ୍ୱାରା- ଖଗେନ୍ଦ୍ର ପକ୍ଷ ନାଦ ସ୍ୱର ।

ସୁର ମୁନୀନ୍ଦ୍ର ମନୋହର ।। ୪/୩୦/୨୭

ଖଗେନ୍ଦ୍ର- ଖଗମାନଙ୍କର ଇନ୍ଦ୍ର ଅର୍ଥାତ୍ ଖଗମାନଙ୍କ ମଧ୍ୟରେ ଶ୍ରେଷ୍ଠ ।

ସନ୍ଧି ଦ୍ୱାରା- ଚଣ୍ଡାଟ୍ଟହାସ ଶୋହେ ତୁଣ୍ଡେ ।। ୪/୫/୪୯

ଚଣ୍ଡ + ଅଟ୍ଟହାସ = ଚଣ୍ଡାଟ୍ଟହାସ

କୃଦନ୍ତ ଦ୍ୱାରା- ପୁଣି ପଳାନ୍ତେ କର ଛାଡ଼ି । ୧୦/୯/୯୭

- ପଳ୍ (ଧାତୁ)+ ଅନ୍ତେ(ପ୍ରତ୍ୟୟ) = ପଳାନ୍ତେ

ତଦ୍ଧିତ ଦ୍ୱାରା- ଜାନକୀ ଲକ୍ଷ୍ମଣେ କହିଲେ ।। ୯/୧୦/୫୦

-ଜନକ (ଶବ୍ଦ) + ଈ(ପ୍ରତ୍ୟୟ) = ଜାନକୀ

ପ୍ରତ୍ୟୟ ଲୋପ- ଚକ୍ର ଉଞ୍ଚାଇ ମହାକୋପେ ।।

୧/୯/୧୧୪

ଏଠାରେ 'ଚକ୍ର' ପଦ ନିକଟରେ ଦ୍ୱିତୀୟା ବିଭକ୍ତିର ପ୍ରତ୍ୟୟ 'କୁ'ର ଲୋପ ହୋଇଛି ।

ବିସ୍ତୃତୀକରଣ-ବେଳେବେଳେ କବି ଯତିପାତ ପାଇଁ ପଦର ବିସ୍ତୃତି କରଣ କରିଥାନ୍ତି ।

ପ୍ରତ୍ୟୟ ଯୋଗ- ଅତ୍ୟନ୍ତ ହୋଇଲାକ ଦୁଃଖ୍ଏ ।

୯/୯/୭୫ ।

ଏଠାରେ 'ହୋଇଲା' ପଦରେ 'କ' ପ୍ରତ୍ୟୟ ଯୋଗ କରାଯାଇଛି ।

ଶବ୍ଦର ସରଳୀକରଣ- ମୃତ ପ୍ରାଣୀକି ନ ସୁମରି ।।

୭/୨/୬୯

ଏଠାରେ 'ସ୍ମରି' ପଦଟି ସରଳୀକରଣ ଦ୍ୱାରା 'ସୁମରି'ରେ ପରିଣତ ହୋଇଛି ।

ବାକ୍ୟରେ ଏକାଧିକ ପ୍ରଶ୍ନସୂଚକ ପଦର ବ୍ୟବହାର-

କି ତୋର ନାମ କିବା ଅର୍ଥେ । କେଣେ ଅଇଲୁ କହ ଏଥେ ।। ୮/୯/୧୩

ବାକ୍ୟରେ ଏକାଧିକ ସର୍ବନାମ ପଦର ବ୍ୟବହାର-

ମୋ ତହୁଁ ନ ଜାଣୁ ତୁ ଆନ । ମୁହିଁ ତୋହର ନିଜ ଧନ ।।

୧୦/୬୫/୧୦୧

**ଶବ୍ଦତତ୍ତ୍ୱ :** ଶବ୍ଦତତ୍ତ୍ୱ କହିଲେ ଶବ୍ଦ ବିଷୟକ ଅଧ୍ୟୟନକୁ ବୁଝାଏ । ଅର୍ଥାତ୍ ଏଥିରେ ଶବ୍ଦ ରଚନା, ବର୍ଗୀକରଣ, ବ୍ୟୁତ୍ପତ୍ତି ଆଦିର ଅଧ୍ୟୟନ ହୋଇଥାଏ ।

ଅର୍ଥ ପ୍ରକାଶରେ ସାମର୍ଥ୍ୟ ରଖୁଥିବା ଧ୍ୱନି ବା ଧ୍ୱନି ସମଷ୍ଟିକୁ ଶବ୍ଦ କୁହାଯାଏ । ଶବ୍ଦକୁ ମଣିଷ ଆବଶ୍ୟକତା ଅନୁସାରେ ନିର୍ମାଣ କରେ ବା ବ୍ୟବହାର କରେ । ପ୍ରାଚୀନ ଗ୍ରନ୍ଥ ଅଧ୍ୟୟନ ଦ୍ୱାରା ଶବ୍ଦର ନିର୍ମାଣ ତଥା ବ୍ୟବହାର ସଂପର୍କରେ ଜଣାଯାଇ ଥାଏ । ଜଗନ୍ନାଥ ଦାସଙ୍କ ଭାଗବତରେ ବ୍ୟବହୃତ କେତେକ ଶବ୍ଦର ବ୍ୟୁତ୍ପତ୍ତି ଦୃଷ୍ଟିରୁ ଆଲୋଚନା ନିମ୍ନରେ କରାଗଲା ।

ଚଉକତି: ଅଗ୍ନି ବେଢ଼ିଲା ଚଉକତି । ୧୦/୧୮/୮୭

ଚତୁଃକତି-ଚଉକତି । ସଂସ୍କୃତ ଏବଂ ଦେଶଜ ଶବ୍ଦର ମିଶ୍ରଣରେ ଏହି ଶବ୍ଦ ଗଠିତ । ହେମଚନ୍ଦ୍ରଙ୍କ ପ୍ରାକୃତ ବ୍ୟାକରଣର (କ-ଗ-ଚ-ଜ-ତ-ଦ-ପ-ୟ-ବାଂ ପ୍ରାୟୋ ଲୁକ୍ । ୮/୧/୧୩୩) ସୂତ୍ର ଅନୁସାରେ ଅନାଦି ଅସଂଯୁକ୍ତ ଅବସ୍ଥାରେ ଥିବା 'ତ' ବର୍ଣ୍ଣର ଲୋପ ହୋଇ 'ଚତୁଃ' ଶବ୍ଦଟି 'ଚଉ'ରେ ପରିଣତ ହୋଇଛି । ପ୍ରାକୃତର ଏହି 'ଚଉ'ରେ ଦେଶଜ ବିଶେଷ୍ୟ 'କତି' ସଂଯୁକ୍ତ ହୋଇ 'ଚଉକତି' ଶବ୍ଦ ସୃଷ୍ଟି ହୋଇଛି ।

ଦୁହୁଁଣୀ: ଆଣ ତୁ ଦୁଧର ଦୁହୁଁଣୀ । ୧୦/୧୨/୨୯

ଦୁହୁଁଣୀର ଅର୍ଥ ଦୁଧ ଦୁହାଁ ପାତ୍ର । ଜଗନ୍ନାଥ ଦାସ ଦୁହାଁ କ୍ରିୟାରୁ ଏହି ନୂତନ ଶବ୍ଦଟି ଗଠନ କରିଛନ୍ତି । ପ୍ରାୟତଃ ଏହା ବର୍ତ୍ତମାନ ଅବ୍ୟବହୃତ ।

ଯୁଝନ୍ତି: ଯୁଝନ୍ତି ବାହା ନାଦ କରି ।। ୧୦/୧୨/୯୦

ଯୁଦ୍ଧନ୍ତି-ଯୁଝନ୍ତି । ଏହା ଏକ ପ୍ରାକୃତ ଶବ୍ଦ । ହେମଚନ୍ଦ୍ରଙ୍କ ପ୍ରାକୃତ ବ୍ୟାକରଣର (ସାଧ୍ୱସ-ଦ୍ଧ-ହ୍ୟାଂ-ଝ । ୮/୨/୨୬) ସୂତ୍ରାନୁସାରେ 'ଦ୍ଧ' ସଂଯୁକ୍ତ ବ୍ୟଞ୍ଜନ 'ଝ'ରେ ପରିଣତ ହୋଇଛି ।

ଆଗସରି : ଗୋପୀୟେ ଗଲେ ଆଗସରି ।

ଭିତରେ ପଶିଲା ଅସୁରୀ । ୧୦/୭/୩୫

'ଅଗ୍ର' ଧାତୁରୁ ପ୍ରାକୃତରେ 'ଆଗ' ଏବଂ 'ଶ୍ରୀ' ଧାତୁରୁ 'ସରି' ଶବ୍ଦ ସୃଷ୍ଟ । ଏହା ଘୁଞ୍ଚିଯିବା ଅର୍ଥରେ ବ୍ୟବହୃତ । ବର୍ତ୍ତମାନ 'ସରିଯିବା' ଶବ୍ଦ ବଙ୍ଗଳାରେ ପ୍ରଚଳିତ ଯାହାର ଅର୍ଥ ଆଗରୁ ଘୁଞ୍ଚିଯିବା । ଏହା ଏକ କ୍ରିୟାପଦ । ବଙ୍ଗଳାର ସୀମାନ୍ତ ଓଡ଼ିଶାରେ ଏହାର ପ୍ରଭାବ ଲକ୍ଷ୍ୟ କରାଯାଏ ।

**ଅର୍ଥତତ୍ତ୍ୱ :** ଅର୍ଥ ସମ୍ବନ୍ଧୀୟ ସମସ୍ତ ପ୍ରକାର ବିଚାର ଆଲୋଚନାକୁ ଅର୍ଥତତ୍ତ୍ୱ କହନ୍ତି । ଅର୍ଥର ପ୍ରକାଶ ଓ ପରିବର୍ତ୍ତନ ସମ୍ବନ୍ଧୀୟ ଆଲୋଚନା ଏଥିରେ ସ୍ଥାନ ପାଇଥାଏ ।

ବିଧାନ : ଆଣିଲା ହୋମର ବିଧାନ । ୧୦/୯/୩୩

ବିଧାନର ପ୍ରକୃତ ଅର୍ଥ 'ନୀତି ନିୟମ' । ଏଠାରେ ବିଧାନ ଶବ୍ଦଟି 'ସାମଗ୍ରୀ' ଅର୍ଥରେ ବ୍ୟବହୃତ ।

ପ୍ରଳମ୍ବ: ପ୍ରଳମ୍ବ କଲା ତତକ୍ଷଣ । ୧୦/୨/୧୦୧

ପ୍ରଳମ୍ବ ଶବ୍ଦକୁ 'ପ୍ରଣାମ କରିବା' ଅର୍ଥରେ ବ୍ୟବହାର କରାଯାଇଛି । ଲମ୍ବ ହୋଇ ତଳେ ପଡ଼ି ହାତ ଯୋଡ଼ି ନମସ୍କାର କରିବା ହିଁ ପ୍ରଳମ୍ବ ।

ମଞ୍ଚେ : ମଞ୍ଚେ ଜନ୍ମିଲେ ଦେବତାଏ । ୧୦/୨/୨

ମଞ୍ଚେ ଶବ୍ଦଟି 'ମର୍ତ୍ତ୍ୟ' ଶବ୍ଦ ପାଇଁ ବ୍ୟବହୃତ । ମଞ୍ଚ ହେଉଛି ଅଭିନୟର ସ୍ଥଳ । ପୃଥିବୀରେ ଯେ ଜନ୍ମ ହୁଏ ସେ ମୃତ୍ୟୁ ପରେ ପୁନଶ୍ଚ ଫେରିଯାଏ । ଅର୍ଥାତ୍ ମର୍ତ୍ତ୍ୟ ଠିକ ମଞ୍ଚ ପରି ହୋଇଥିବାରୁ ଜଗନ୍ନାଥ ଦାସ ତାହାର ପ୍ରୟୋଗ କରିଛନ୍ତି । ଏଠାରେ କବିଙ୍କର ପ୍ରୟୋଗ କୌଶଳ ବା ସାମର୍ଥ୍ୟ ପ୍ରଶଂସନୀୟ । ଶବ୍ଦ ନିଜ ଅର୍ଥ ଅତିରିକ୍ତେ ଭିନ୍ନ ଅର୍ଥ ପ୍ରକାଶରେ ସକ୍ଷମ ହୋଇପାରିଛି ।

ଘାୟେ : ଦଉଡ଼ି ଟାଣିବାର ଘାୟେ ।
ବସ୍ତ୍ର ନରହେ ଦେବୀ କାୟେ ॥

'ଆଘାତ' ଅର୍ଥ ଉଦ୍ଦେଶ୍ୟରେ ଘାୟେର ପ୍ରୟୋଗ ହୋଇଥାଏ । କିନ୍ତୁ ଏଠାରେ ଘାୟେ ଶବ୍ଦଟି 'ସମୟ' ଅର୍ଥରେ ବ୍ୟବହୃତ ହୋଇଛି ।

ପେଟେ: ଧାନ ଅଂଜଳି ପେଟେ ଦେଇ । ୧୦/୧୨/୩୬

ଏହି ଶବ୍ଦକୁ ଜଗନ୍ନାଥ ଦାସ ସୃଷ୍ଟି କରିଛନ୍ତି । ଏହାର ଅର୍ଥ ସଂପୂର୍ଣ୍ଣ ବା ଉଛୁଳିବା ଅବସ୍ଥା । ଏଠାରେ ଅଞ୍ଜଳିରେ ଧାନର ପରିମାଣ ଦେଉଳିଆ ଥିଲା ବା ଉଛୁଳିକରି ଥିଲା ବୋଲି ଜଗନ୍ନାଥ ଦାସ କହିବାକୁ ଚାହିଁଛନ୍ତି । ତେଣୁ ପେଟେ ଶବ୍ଦର ବ୍ୟବହାର କରିଛନ୍ତି । ସାଧାରଣତଃ ପେଟେ ଖାଇବା ଅର୍ଥ ପେଟ ପୂର୍ଣ୍ଣକରି ଖାଇବା ।

ବଢ଼ିଗଲା : ଶରତ ଋତୁ ବଢ଼ିଗଲା । ୧୦/୨୩/୨

ବଢ଼ିଗଲା ଅର୍ଥ 'ଶେଷ ହେଲା' । ସାଧାରଣତଃ ପୂଜାର କ୍ରିୟା କର୍ମ ଶେଷ ହେଲା ଉଦ୍ଦେଶ୍ୟରେ ଏହି ଶବ୍ଦ ପ୍ରୟୋଗ ହୋଇଥାଏ । ଏଠାରେ କିନ୍ତୁ ଋତୁ ସହିତ ସଂଯୁକ୍ତ । ଶରତ ଋତୁ ଶେଷ ହେଲା ସ୍ଥାନରେ ବଢ଼ିଗଲା କ୍ରିୟା ବ୍ୟବହୃତ । ଏଠାରେ ଅର୍ଥର ପରିସୀମାର ବୃଦ୍ଧି ଘଟିଛି ।

ହରନ୍ତି: ଦିନ ହରନ୍ତି ବୃନ୍ଦାବନେ । ୧୦/୧୩/୩

ଏଠାରେ ହରନ୍ତି ଶବ୍ଦଟି 'ଅତିବାହିତ କରିବା' ଅର୍ଥରେ ବ୍ୟବହୃତ । ବର୍ତ୍ତମାନ ଏ କ୍ଷେତ୍ରରେ ହରନ୍ତିର ପ୍ରୟୋଗ ନାହିଁ କହିଲେ ଚଳେ । ଏହା ଏକ ପ୍ରାଚୀନ ପ୍ରୟୋଗ ।

ଉପୁଜିଲା : ଆମ୍ଭର ଯଶ ଉପୁଜିଲା । ୧୦/୨୩/୫୦

ଉପୁଜିଲା ଶବ୍ଦର ଅର୍ଥ 'ସୃଷ୍ଟି ହେବା' । ସାଧାରଣତଃ ଯଶ ସହ ଏହି କ୍ରିୟାର ବ୍ୟବହାର ଦେଖାଯାଏ ନାହିଁ । ଏ କ୍ଷେତ୍ରରେ ଅର୍ଥର ସୀମା ପରିବ୍ୟାପ୍ତ ।

ବାଳକ ଯୁବତୀ : ତୁମ୍ଭେ ଯେ ବାଳକ ଯୁବତୀ ।
୧୦/୨୩/୭୨

ଏହାର ଆକ୍ଷରିକ ଅର୍ଥ 'କମ୍ ବୟସର ଯୁବତୀ' କିନ୍ତୁ ଏ ପ୍ରସଙ୍ଗରେ 'କମ୍ ବୁଦ୍ଧି ସଂପନ୍ନ' ଯୁବତୀକୁ ସୂଚାଉଛି । ତେଣୁ ଏହି ଶବ୍ଦ ଉପରେ କମ୍ ବୟସ ସ୍ଥାନରେ କମ୍ ବୁଦ୍ଧି ଅର୍ଥ ଆରୋପିତ ।

ଜଗନ୍ନାଥ ଦାସ ଭାଗବତକୁ ପ୍ରାକୃତ ଭାଷାରେ ରଚନା କରିଛନ୍ତି ବୋଲି ଉଲ୍ଲେଖ କରିଥିଲେ ହେଁ କେତେକ ଆଲୋଚକ ବା ଭାଷାବିତ୍ ଜଗନ୍ନାଥ ଦାସଙ୍କୁ ଦୋଷ ଦିଅନ୍ତି ଯେ ସେ ଓଡ଼ିଆ ଭାଷାକୁ ସଂସ୍କୃତ ଅଭିମୁଖୀ କରାଇଛନ୍ତି ତଥା ତତ୍ସମ ବହୁଳ କରିଛନ୍ତି ଏବଂ ଓଡ଼ିଆ ଭାଷାର ପଥରୋଧ କରି ଭାଷାକୁ ପଥଭ୍ରଷ୍ଟ କରାଇଛନ୍ତି, ଯାହା ଅର୍ଥହୀନ ।

ତତ୍ସମ ଶବ୍ଦ ଅର୍ଥାତ ଯେଉଁ ଅସଂସ୍କାରିତ ଶବ୍ଦ ସଂସ୍କାରିତ ଶବ୍ଦ ସହ ସମାନ । ଯେଉଁ ପ୍ରାକୃତ ଶବ୍ଦଗୁଡ଼ିକ ସଂସ୍କାରିତ ଭାଷା ତଥା ସଂସ୍କୃତ ସହ ସମାନ ହେଲା ତାହାକୁ ତତ୍ସମ କୁହାଗଲା । ଭରତମୁନି ନାଟ୍ୟଶାସ୍ତ୍ରରେ ପ୍ରାକୃତ ଶବ୍ଦକୁ ସମାନ, ବିଭ୍ରଷ୍ଟ ଏବଂ ଦେଶୀ ଆଦି ତିନି ଭାଗରେ ବିଭକ୍ତ କରିଛନ୍ତି । ଯାହା ଅସଂସ୍କାରିତ ଭାଷା ପ୍ରାକୃତ ଏବଂ ସଂସ୍କାରିତ ଭାଷା ସଂସ୍କୃତ ଉଭୟରେ ବ୍ୟବହୃତ

ତାହା ସମାନ ଶବ୍ଦ । ଯଥା- କମଳ, ଅମଳ, ରେଣୁ, ତରଂଗ, ଲୋଳ, ସଲିଳ ଆଦି । (୫)

ସମୟାନୁସାରେ ସମାଜରେ ପ୍ରଚଳିତ ଭାଷାର ଜନପ୍ରିୟ ଶବ୍ଦ ସାହିତ୍ୟରେ ଥାଏ । ଅର୍ଥାତ୍ ସମାଜରେ ପ୍ରଚଳିତ ଶବ୍ଦ ସର୍ବଦା ସାହିତ୍ୟର ଭାଷା ହୁଏ କେବେହେଲେ ସାହିତ୍ୟର ଭାଷା ଲୋକମୁଖର ଭାଷା ହୁଏ ନାହିଁ । ଲେଖକ ଧରି ରଖିବାର ମାଧ୍ୟମ ମାତ୍ର । ବହୁ ବର୍ଷ ପରେ ସେହି ସାହିତ୍ୟ ହୁଏ ପରିବର୍ତ୍ତନଶୀଳ ଭାଷାର ଲିଖିତ ଦଲିଲ ବା ମୂକସାକ୍ଷୀ । ଜଗନ୍ନାଥ ଦାସଙ୍କ ସମୟକୁ ଭାଷାର ପରିବର୍ତ୍ତନ ହୋଇସାରିଥିଲା ଏବଂ ସେ ଲୋକକଥିତ ଭାଷାରେ ଭାଗବତ ରଚନା କରିଥିଲେ ।

**ପ୍ରାନ୍ତଟୀକା :**


(୧) ପଣ୍ଡା, ଭଗବାନ । ଜଗନ୍ନାଥ ଦାସ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ଦ୍ୱିତୀୟ ସଂସ୍କରଣ, ୨୦୦୮, ପୃ-୨୫ ।

(୨) ନାୟକ, କଳ୍ପତରୁ । ଭାଗବତର ଭାଷା ବିଶ୍ଳେଷଣ, ମିତା ବୁକ୍ସ, କଟକ, ପ୍ରଥମ ସଂସ୍କରଣ, ୨୦୧୭, ପୃଷ୍ଠା- ଘ ।

(୩) ଶକାରାଭୀରଚଣ୍ଡାଳଶବରଦ୍ରବିଡୋଡ୍ରଜା ହୀନା ବନେଚରାଣାଂ ଚ ବିଭାଷା ନାଟକେ ସ୍ମୃତା ।୫୦ । ଦ୍ୱିବେଦୀ, ପାରସନାଥ । ଶ୍ରୀଭରତମୁନି ପ୍ରଣିତଂ ନାଟ୍ୟଶାସ୍ତ୍ରମ୍, ସମ୍ପୂର୍ଣ୍ଣାନନ୍ଦ ସଂସ୍କୃତ ବିଶ୍ୱବିଦ୍ୟାଳୟ, ବାରାଣସୀ, ପ୍ରଥମ ସଂସ୍କରଣ, ୨୦୦୧, ପୃ-୫୫୬ ।

(୪) ପ୍ରାକୃତ ପାଠ- ଚୟନିକା, ଭୋଗିଲାଲ ଲହେରଚାନ୍ଦ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡୋଲଜୀ ଏବଂ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ, ନିୟୁଦିଲ୍ଲୀ, ଦ୍ୱିତୀୟ ସଂସ୍କରଣ, ୨୦୧୨ ।

(୫) ପାଠ୍ୟମେକଂ ତୁ ବିଜ୍ଞେୟଂ ସଂସ୍କୃତଂ ପ୍ରାକୃତଂ ଯଥା କମଲେମଲରେଣଗତରଙ୍ଗଲୋଲସଲିଳାଦି ବାକ୍ୟସଂପନ୍ନମ୍ ପ୍ରାକୃତବଦ୍ଧେଷ୍ୱେବଂ ସଂସ୍କୃତମପି ଯୋଗମୁପଯାତି ।।୪।। ଦ୍ୱିବେଦୀ, ପାରସନାଥ । ଶ୍ରୀଭରତମୁନି ପ୍ରଣିତଂ ନାଟ୍ୟଶାସ୍ତ୍ରମ୍, ସମ୍ପୂର୍ଣ୍ଣାନନ୍ଦ ସଂସ୍କୃତ ବିଶ୍ୱବିଦ୍ୟାଳୟ, ବାରାଣସୀ, ପ୍ରଥମ ସଂସ୍କରଣ, ୨୦୦୧, ପୃ-୫୪୦ ।



ଓଡ଼ିଆ ବିଭାଗ
ମହାପୁରୁଷ ହାଡ଼ି ଦାସ ମହାବିଦ୍ୟାଳୟ
ଛତିଆ, ଯାଜପୁର